# NATIONAL NEWS BULLETIN (ODIA)

## 23 October - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- କେରଳ ରାଜଭବନ ଠାରେ ପୂର୍ବତନ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଆଜି ଉନ୍ମୋଚନ କରିବେ ରାଷ୍ଟ୍ରପତି ।
- ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀକୁ ଆଜି ନୂଆଦିଲ୍ଲୀ ଠାରେ ସମ୍ବୋଧିତ କରିବେ ପ୍ରତିରକ୍ଷା ମନ୍ତ୍ରୀ ।
- ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିବସ ଆଜି ।
- ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଅନୁଷ୍ଠିତ ହେବ ଆଡିଲେଟ୍‌ଠାରେ ।

ଏବଂ

- ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍ ୨୦୨୫ର ଆଜିକାର ମ୍ୟାଚ୍‌ରେ ଭାରତ ଭେଟିବ ନ୍ୟୁଜିଲାଣ୍ଡକୁ ।

## କେରଳ-ପ୍ରେଜ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କେରଳର ରାଜଭବନଠାରେ ପୂର୍ବତନ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ । ଏହା ପରେ ଗତକାଲିଠାରୁ ୪ ଦିନିଆ କେରଳ ଗସ୍ତରେ ଥିବା ଶ୍ରୀମତୀ ମୁର୍ମୁ ଏହା ପରେ ଥିରୁବନନ୍ତପୁରମ୍ ନିକଟସ୍ଥ ଭାର୍‌କାଲା ଠାରେ ଥିବା ଶିବଗିରି ମଠରେ ଶ୍ରୀ ନାରାୟଣ ଗୁରୁ ସମାଧିର ଶତବାର୍ଷିକୀ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ଣରେ ରାଷ୍ଟ୍ରପତି ପାଲା ସ୍ଥିତ ସେଣ୍ଟ ଥୋମାସ୍ ମହାବିଦ୍ୟାଳୟର ପ୍ଲାଟିନମ୍ ଯୁବଲୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ଗତକାଲି ରାଷ୍ଟ୍ରପତି ସାବରିମାଲା ମନ୍ଦୀରରେ ପୂଜାର୍ଚ୍ଚନା କରିଛନ୍ତି । ପରେ ରାଷ୍ଟ୍ରପତି ଥିରୁବନନ୍ତପୁରମ୍‌ଠାରେ ରାଜ୍ୟପାଳଙ୍କ ପକ୍ଷରୁ ସମ୍ମାନାର୍ଥେ ଆୟୋଜିତ ଏକ ନୈଶ୍ୟ ଭୋଜିରେ ଯୋଗଦେଇଥିଲେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ନେଭି-କମାଣ୍ଡର କନ୍‌ଫରେନ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣକୁ ସମ୍ବୋଧିତ କରିବେ । ନୂଆଦିଲ୍ଲୀଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ସମ୍ମିଳନୀରେ ଜାତୀୟ ସ୍ୱାର୍ଥ ଏବଂ ୨୦୪୭ ବିକଶିତ ଭାରତ ଦୃଷ୍ଟିକୋଣ ଉପରେ ପ୍ରତିରକ୍ଷା ମନ୍ତ୍ରୀ ନିଜର ମତ ଉପସ୍ଥାପନ କରିବାର ସମ୍ଭାବନା ରହିଛି ।

ସାଂପ୍ରତିକ ଭୂ-ରଣନୈତିକ ପରିବେଶରେ ବହୁପକ୍ଷୀୟ ଆହ୍ୱାନକୁ ପ୍ରତିହତ କରିବାରେ ନୌସେନାର ଦୃଷ୍ଟିକୋଣକୁ ଏହି ସମ୍ମିଳନୀ ସୁଦୃଢ଼ କରିବ । ଅପରେସନ ସିନ୍ଦୂର ଏବଂ ନୌସେନାର ଅନ୍ୟାନ୍ୟ ଅପରେସନ ଓ ଯୁଦ୍ଧ ପ୍ରସ୍ତୁତି ପୃଷ୍ଠଭୂମିରେ ଏହି ସମ୍ମିଳନୀ ଅନେକ ଗୁରୁତ୍ୱପୂର୍ଣ୍ଣ ବୋଲି ଆଶା କରାଯାଉଛି । ଏତଦ୍ ବ୍ୟତୀତ ଜାତୀୟ ନେତୃବୃନ୍ଦ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ସେନାଅଧିକାରୀ ମିଳିତ ଭାବେ ଭାରତ ମହାସାଗର କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା ପରିସ୍ଥିତି ସଂପର୍କିତ ଯୋଜନା ଗୁଡ଼ିକର ସମୀକ୍ଷା କରିବା ସହିତ ବିଭିନ୍ନ ଆହ୍ୱାନର ମୁକାବିଲା ଦିଗରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଦିଗରେ ଏହି ମଞ୍ଚ ସହାୟକ ହୋଇପାରିବ ।

## ରାଜନାଥ-ଜୈସଲମେର

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ତିନି ଦିନିଆ ରାଜସ୍ଥାନ ଗସ୍ତରେ ଯିବେ । ଏହି ଅବସରରେ ଜୈସଲମେରଠାରେ ଶ୍ରୀ ସିଂହ ସେନା ବାହିନୀ କମାଣ୍ଡର ସମ୍ମିଳନୀକୁ ସମ୍ବୋଧିତ କରିବେ । ଅପରେସନ ସିନ୍ଦୂର ପରେ ପ୍ରଥମଥର ଲାଗି ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ଦେଶର ସୁରକ୍ଷା ପ୍ରତି ଥିବା ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ଏବଂ ଏହାର ପ୍ରସ୍ତୁତି ସମ୍ପର୍କରେ ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀଙ୍କର ଏହି ଗସ୍ତର ରଣନୈତିକ ମହତ୍ୱ ରହିଛି ।

ପ୍ରତିରକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ସମ୍ମିଳନୀ ମାଧ୍ୟମରେ ସେନାଧ୍ୟକ୍ଷ ଏବଂ ବରିଷ୍ଠ କମାଣ୍ଡରମାନେ ଦେଶର ପଶ୍ଚିମାଞ୍ଚଳ ସୀମାର ସୁରକ୍ଷା ସମେତ ଯୁଦ୍ଧରେ ବ୍ୟବହାର ହେବାକୁ ଥିବା

ଆଧୁନିକ ରଣକୌଶଳ ଆଦି ଉପରେ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ସିଂହଙ୍କ ଗସ୍ତର ଦ୍ୱିତୀୟ ଦିନରେ ସେ ଲଙ୍ଗେୱାଲା ସୀମା ପୋଷ୍ଟ ଗସ୍ତ କରି ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ସହିଦ ହୋଇଥିବା ସୈନିକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବେ । ଏତଦ୍ ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ ସେନା ଯୁଦ୍ଧ ସଂଗ୍ରହାଳୟ ପରିଦର୍ଶନ କରିବା ସହିତ ସୌର୍ଯ୍ୟପାର୍କ ଓ କାକ୍‌ଟସ୍ ପାର୍କର ଲୋକାର୍ପଣ କରିବେ । ଏହି ଗସ୍ତ ଅବସରରେ ଭାରତୀୟ ସେନାର ସାହସ ଓ ଗୌରବମୟ ଇତିହାସର ବର୍ଣ୍ଣନା ଲାଗି ଏକ ନୂତନ ଲାଇଟ୍ ଓ ସାଉଣ୍ଡ ସୌର ଶୁଭାରମ୍ଭ କରିବେ ।

## ଗୋୟଲ-ଭିଜିଟ୍ ଜର୍ମାନୀ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜିଠାରୁ ଜର୍ମାନୀକୁ ସରକାରୀ ଗସ୍ତରେ ଯିବେ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତ-ଜର୍ମାନୀ ରଣନୈତିକ ଭାଗିଦାରୀର ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ଗୋୟଲଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଏବଂ ବ୍ୟବସାୟିକ କାରବାରକୁ ଅଧିକ ପ୍ରୋତ୍ସାହିତ କରିବା ଦିଗରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ । ଏହି ଗସ୍ତ ଅବସରରେ ଶ୍ରୀ ଗୋୟଲ ଜର୍ମାନୀର ବାଣିଜ୍ୟିକ ବ୍ୟାପାର ଓ ଶକ୍ତି ମନ୍ତ୍ରୀ କାଥେରିନା ରିଚିଙ୍କ ସହିତ ଏକ ଉଚ୍ଚସ୍ତରୀୟ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବିଶେଷ କରି ଭାରତ-ଜର୍ମାନୀ ଅର୍ଥନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଏବଂ ବ୍ୟବସାୟ ଓ ପୁଞ୍ଜିନିବେଶ କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା

ଦିଗରେ ନୂତନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯିବ ।

ଏତଦ୍‌ବ୍ୟତୀତ ଶ୍ରୀ ଗୋୟଲ ବର୍ଲିନ୍ ବିଶ୍ୱ ସମ୍ମିଳନୀର ତୃତୀୟ ସଂସ୍କରଣରେ ଜଣେ ବକ୍ତା ଭାବେ ମଧ୍ୟ ଅଂଶଗ୍ରହଣ କରିବେ । ଜର୍ମାନୀର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁଡ଼ିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ସହିତ ମଧ୍ୟ ଶିଳ୍ପ ମନ୍ତ୍ରୀ ପୃଥକ ପୃଥକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ କାଳରେ ଶ୍ରୀ ଗୋୟଲ ଲକ୍ସେମ୍ବର୍ଗର ଉପ-ପ୍ରଧାନମନ୍ତ୍ରୀ ଜାଭିୟର୍ ବେଟେଲ୍‌ଙ୍କ ସହିତ ଦ୍ୱିପକ୍ଷିୟ ବାଣିଜ୍ୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଦ୍ୱିପକ୍ଷିୟ ବୈଠକରେ ଯୋଗଦେବେ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଇସିଆଇ-ସିଇଓ କନ୍‌ଫରେନ୍ସ

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇ ଦିନିଆ ସମ୍ମିଳନୀ ଗତକାଲିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଦେଶ ବ୍ୟାପି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଉଛି । ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ନିର୍ବାଚନ ଆୟୋଗ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଓ ଡକ୍ଟର ବିବେକ ଯୋଶୀ ଯୋଗଦେଇଛନ୍ତି ।

# ବିହାର ଇଲେକ୍ସନ

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିବସ । ଆସନ୍ତା ମାସ ୧୧ ତାରିଖରେ ରାଜ୍ୟ ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାରେ ଥିବା ୧୨୨ଟି ଆସନ ଲାଗି ମତ ଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ସୀତାମାଢ଼ି, ସେଓହର୍, ମଧୁବନୀ, ପୂର୍ବ ଚମ୍ପାରନ୍, ପଶ୍ଚିମ ଚମ୍ପାରନ୍ ଜିଲ୍ଲାଗୁଡ଼ିକ ସମେତ ସାହାବାଦ୍ ଅଞ୍ଚଳର ଅନେକ ଜିଲ୍ଲା ଏବଂ ମଗଧ, ରୋହତାସ୍ ଓ କାଇମୁର୍ ଜିଲ୍ଲାରେ ଭୋଟ ଗ୍ରହଣ କରାଯିବ । ଏତଦ୍‌ବ୍ୟତୀତ ସୀମାଞ୍ଚଳ ଜିଲ୍ଲା ଅନ୍ତର୍ଗତ ଆରାରିଆ, କିଶନ୍‌ଗଞ୍ଜ, କୁର୍ଣ୍ଣିଆ, କଟିହାର୍ ସମେତ ଭାଗଲପୁର, ବାଙ୍କା, ଜାମୁଇ, ସୁପଲ୍, ଔରଙ୍ଗାବାଦ, ନୱାଦା, ଜେହନାବାଦ୍ ଓ ଆରୋଲ୍‌ଠାରେ ମଧ୍ୟ ଆସନ୍ତା ମାସ ୧୧ ତାରିଖରେ ମତଗ୍ରହଣ କରାଯିବ । ଅବଶିଷ୍ଟ ଆସନ ଲାଗି ପ୍ରଥମ ପର୍ଯ୍ୟାୟରେ ନଭେମ୍ବର ୬ ତାରିଖରେ ଭୋଟ ଗ୍ରହଣ ହେବ ।

ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଲାଗି କାଇମୁର୍ ଜିଲ୍ଲାର ମୋହାନିଆ ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ଲାଗି ରାଷ୍ଟ୍ରୀୟ ଜନତା ଦଳ ପ୍ରାର୍ଥୀ ସ୍ୱେତା ସୁମନଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି । ସେ ଦାଖଲ କରିଥିବା ଅନୁସୂଚୀତ ଜାତି ପ୍ରମାଣପତ୍ର ଅବୈଧ ଥିବା ଯୋଗୁଁ ଏଭଳି ପଦକ୍ଷେପ ନିଆଯାଇଛି । ଏତଦ୍‌ବ୍ୟତୀତ ପଶ୍ଚିମ ଚମ୍ପାରନ ଜିଲ୍ଲା ବାଲ୍ମିକୀ ନଗର ବିଧାନସଭା ମଣ୍ଡଳୀରୁ ଜନସୁରଜ ପାର୍ଟି ପ୍ରାର୍ଥୀ ଦ୍ରିଗ୍ ନାରାୟଣ ପ୍ରସାଦଙ୍କର ପ୍ରାର୍ଥୀପତ୍ର ମଧ୍ୟ ନାକଚ ହୋଇଛି । ମନୋନୟନ ପତ୍ର ଦାଖଲ କରିବା ପୂର୍ବରୁ

ଶ୍ରୀ ପ୍ରସାଦ ନିଜର ସରକାରୀ ଚାକିରିରୁ ଇସ୍ତଫା ନ ଦେଇଥିବା ଯୋଗୁଁ ତାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜଣାପଡ଼ିଛି ।

## ବାଇପୋଲ୍

ଜାମ୍ମୁ କାଶ୍ମୀରର ୭୭-ନାଗ୍ରତା ଏବଂ ୨୭-ଗୁଡ଼ଗାଓଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଯାଞ୍ଚ୍ କାର୍ଯ୍ୟ ଶେଷ ହୋଇଛି । ରିଟର୍ଣ୍ଣିଂ ଅଫିସରଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ନାଗ୍ରତାରେ ୧୦ଟି ଏବଂ ଗୁଡ଼ଗାଓଁ ଆସନ ଲାଗି ୧୭ଟି ପ୍ରାର୍ଥୀପତ୍ର ବୈଧ ରହିଛି । ଏହି ଦୁଇଟି ଆସନ ଲାଗି ମୋଟ୍ ୬ଟି ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜଣାଯାଇଛି । ଆସନ୍ତକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତାମାସ ୧୧ ତାରିଖ ଦିନ ଭୋଟ ଗ୍ରହଣ କରାଯାଇ ୧୪ରେ ଭୋଟଗଣତି ହେବ ।

ଝାଡ଼ଖଣ୍ଡର ଘାଟସିଲା ବିଧାନସଭା ଆସନ ଲାଗି ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଯାଞ୍ଚ୍ କାର୍ଯ୍ୟ ଗତକାଲି ଶେଷ ହୋଇଛି । ମୋଟ୍ ୧୭ଟି ପ୍ରାର୍ଥୀପତ୍ର ମଧ୍ୟରୁ ୧୪ଟି ବୈଧ ଥିବା ଜିଲ୍ଲା ନିର୍ବାଚନ ଅଧିକାରୀ କହିଛନ୍ତି । ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ।

# ଇଣ୍ଡିଆ-ଅଷ୍ଟ୍ରେଲିଆ କ୍ରିକେଟ୍

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଆଡିଲେଟ୍ ଠାରେ ଆଜି ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ପୂର୍ବାହ୍ନ ୯ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ତିନି ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ପର୍ଥରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତକୁ ୭ ୱିକେଟ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ରହିଛି । ଦିନିକିଆ ସିରିଜ୍ ପରେ ଦୁଇ ଦଳ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ଅନୁଷ୍ଠିତ ହେବ ।

# କ୍ରିକେଟ୍-ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍ ୨୦୨୫ର ଆଜିକାର ମ୍ୟାଚ୍‌ରେ ଭାରତ’ ନ୍ୟୁଜିଲାଣ୍ଡକୁ ଭେଟିବ । ଅପରାହ୍ଣ ୩ଟାରେ ନଭି ମୁମ୍ବାଇ ସ୍ଥିତ ଡି.ୱାଇ. ପାଟିଲ୍ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ର ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେବାକୁ ଥିବାରୁ ଉଭୟ ଦଳ ପାଇଁ ଆଜିକାର ମ୍ୟାଚ୍‌ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଗତକାଲି ଇନ୍ଦୋରରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଇଂଲଣ୍ଡକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଇଂଲଣ୍ଡ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ୱିକେଟ୍ ହରାଇ ୨୪୪ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଟାମୀ ବେୟୋମଣ୍ଟ ସର୍ବାଧିକ ୭୮ରନ୍ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ୍ ସଦରଲାଣ୍ଡ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ୨୪୫ରନ୍ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ଦଳ ୪୦ ଓଭର ୩ଟି ବଲ୍‌ରେ ୪ ୱିକେଟ୍ ହରାଇ ୨୪୮ରନ୍

କରିଥିଲେ । ଦଳ ପକ୍ଷରୁ ଆସଲେଗ୍ ଗାର୍ଡନର୍ ୧୦୪ରନ୍ କରି ଅପରାଜିତ ରହିଛନ୍ତି । ଆନାବେଲ ସଦରଲାଣ୍ଡ ଅପରାଜିତ ୯୮ରନ୍ କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ତେବେ ଦୁଇ ଦଳ ପୂର୍ବରୁ ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିସାରିଛନ୍ତି ।